# Akashvani, Sambalpur

## SAMBALPURI NEWS BULLETIN

### 28 March 2025- 6.47- 6.52 am.

*********************************************

ସାଧାରଣ୍ ବଂଟନ୍ ବ୍ୟବସ୍ଥା ଆର୍ଏନ୍ୟୁ/ ସମ୍ବଲପୁର

ଇ ବଛର୍ ଖରାକେ ନଜର୍‌ଥି ରଖିକରି ରାଏଜେ ସାଧାରଣ୍ ବଂଟନ୍ ବ୍ୟବସ୍ଥା ଅଧୀନ୍‌ଥି ହିତାଧିକାରୀମାନ୍‌କୁ ରାସନ୍ ଦରବ୍ ସଖାଲର୍ ୭ ନୁ ୧୦ ବଜେତକ୍ ଆର୍ ବେଲବୁଡ଼ର ୫ ବଜେନୁ ୮ ବଜେ ଭିତ୍‌ରେ ଦିଆଯିବା । ଇ ବାବ୍‌ଦେ ଜରୁରୀ ପଦକ୍ଷେପ୍ ନେବାର୍ ଲାଗି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ସେନ୍ତା ସର୍‌କାରୀ ସୁଲଭ ମୂଲ୍ୟ ଦୁକାନ୍‌ମାନ୍‌କେ ହିତାଧିକାରୀମାନ୍‌କର୍ ଲାଗି ଅସ୍ଥାୟୀ ଆଶ୍ରୟସ୍ଥଳୀ, ପିଇବାର୍ ପାଏନ୍ ଆଉ ଓଆର୍ଏସ୍ ମହଜୁଦ୍ ରଖିବାର୍ ଲାଗି ପରାମର୍ଶ ଦିଆଯାଇଛେ ।

ଏଚ୍.ଏଲ.ସି.ଏ.-ଶିକ୍ଷ ପ୍ରସ୍ତାବଖ ମଞ୍ଜୁରୀ/ଆର୍ଏନ୍ୟୁ ସମ୍ବଲପୁର

ଦେଶେ ନିବେଶ୍ ହବ୍ ଭାବେ ନିଜର୍ ଥିତିକେ ରାଜ୍ୟ ବର୍‌କସ୍ କରିଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ବସିଥିବା ୪୦ ନମ୍ବର୍ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ଏଚ୍.ଏଲ.ସି.ଏ. ବୈଠକ୍‌ଥି ୧୦ ଟା ମୁଖିଆ ଶିଳ୍ପ ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲିଛେ । ଇଥିର୍ ଜରିଏ ରାଜ୍ୟକେ ୧ ଲାଖ୍ ୬୫ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ନିବେଶ୍ ଆସ୍‌ବା ଆଉ ପ୍ରକଳ୍ପ ମାନ୍ କାର୍ଯ୍ୟକ୍ଷମ୍ ହେଲେ ରାଏଜେ ୫୨ ହଜାର୍ ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ଜନାପଡ଼ିଛେ ।

ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ୍ ବିଭାଗ/ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଗଲାକାଏଲ୍ ବିଧାନ୍‌ସଭାର୍ ଉପର୍‌ବେଲା ଅଧିବେଶନ୍‌ଥି ଉଚ୍ଚଶିକ୍ଷାମନ୍ତ୍ରୀଙ୍କର୍ ତର୍‌ଫୁ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ୨୦୨୨-୨୩ ଆଉ ୨୦୨୩-୨୪ ବଛର୍‌ର ବାର୍ଷିକ୍ ରିପୋର୍ଟ ଉପସ୍ଥାପନ୍ କରିଥିଲେ । ସେନ୍ତା ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍‌ର ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ୩ ହଜାର୍

୫ ଶହ ୩୭ କୋଟି ୭୬ ଲାଖ୍ ୫୨ ହଜାର୍ ଟଙ୍କାର୍ ଖର୍ଚ୍ଚା ଦାବି ଆଗତ୍ କରିଥିଲେ ।

ସାମ୍ବାଦିକ୍ ଯୋଜ୍ନା        ଆର୍ଏନ୍ୟୁ/ କଟକ୍

ରାଏଜେ କାମ୍ କରୁଥିବା ସାମ୍ବାଦିକ୍ମାନ୍କର୍ ଲାଗି ୭ ଟା କଲ୍ୟାଣ୍କାରୀ ସୁବିଧା ଦିଆଯାଉଛେ ବଲି ବିଧାନ୍ସଭା ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭିନ୍ ଭିନ୍ ଗଣମାଧ୍ୟମ୍ଥି କାମ୍ କରୁଥିବା ସାମ୍ବାଦିକ୍ମାନ୍କୁ ସ୍ୱାସ୍ଥ୍ୟବୀମା ଯୋଜ୍ନା ଅଧୀନ୍ଥି ଚିକିତ୍ସା ସାହାଜ୍, ମୃତ୍ୟୁ ଉତ୍ରୁ ତାକର୍ ପରିବାର୍ ଲୁକ୍କୁ ୪ ଲାଖ୍ ଟଙ୍କାର୍ ଆର୍ଥିକ୍ ସାହାଜ୍ ସହେତେ ଛୁଆମାନ୍କୁ ସ୍କୁଲ୍ ଶିକ୍ଷା ଲାଗି ମାସ୍କ ଦେଢ଼୍ହଜାର୍ ଆଉ ଉଚ୍ଚଶିକ୍ଷା ଲାଗି ମାସ୍କ ଅଢ଼େଇ ହଜାର୍ ଟଙ୍କା ଦେବାର୍ ବ୍ୟବସ୍ଥା ଅଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା ସ୍ଥାୟୀ ଭାବେ ଅକ୍ଷମ ସାମ୍ବାଦିକଙ୍କୁ ୨ ଲାଖ୍ ଟଙ୍କା ସାହାଜ୍ ଦେବାର୍ ବ୍ୟବସ୍ଥା ରହିଛେ ବଲି ଭିଲ୍ ମୁଖ୍ୟମନ୍ତ୍ରୀ କହିଛନ୍ ।

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଏନ୍.ଏଚ୍.ଏ.ଆଇ-ରାଜ୍‌ପଥ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ବହୁତ୍ ଦିନୁ ଚାଲୁଥିବା କଟକ୍ ଅନୁଗୁଲ୍ ଜାତୀୟ ରାଜ୍‌ପଥ୍ ତିଆରି କାମ୍ ଆଏବା ମେ ମାସ୍‌ତକ୍ ଶେଷ୍ ହେବା ବଲି ଜାତୀୟ

ରାଜ୍‌ପଥ୍ ପ୍ରାଧିକରଣ୍ କର୍ତ୍ତୃପକ୍ଷ- ଏନ୍.ଏଚ୍.ଏ.ଆଇ ତର୍‌ଫୁ କୁହାଯାଇଛେ । ଇ ବାବ୍‌ଦେ ହାଇକୋର୍ଟ ନ ଗୁଟେ ସତ୍ୟପାଠ ଦାଖଲ୍ ହେଇଛେ । ଇଥିର୍ ଆଧାରଥି ଧାରିଜ୍ ସମିଆ ଭିତ୍‌ରେ ତିଆରି କାମ୍ ସାର୍‌ବାର୍ ଲାଗି ଜରୁରୀ ପଦକ୍ଷେପ୍ ନେବାର୍‌କେ ହାଇକୋର୍ଟ ଏନ୍.ଏଚ୍.ଏ.ଆଇ.କେ ନିର୍ଦ୍ଦେଶ୍ ଦେଇଛନ୍ ।

ବୟନିକା-ରିହାତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଦିବସ୍ ଅବ୍‌ସରେ ବିଶେଷ୍ ସର୍‌କାରୀ ରିହାତି ଦର୍‌ଥି ବୟନିକାର୍ ବିକ୍ରି ଗଲାକାଏଲ୍‌ନୁ ମୁଲ୍ ହେଇଛେ । ସମବାୟ, ହସ୍ତତନ୍ତ, ବୟନ, ହସ୍ତଶିଳ୍ପମନ୍ତ୍ରୀ ପ୍ରଦୀପ ବଳସାମନ୍ତ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଛନ୍ । ବୟନିକା ହସ୍ତତନ୍ତ ସାମଗ୍ରୀର୍ ପ୍ରଚାର୍ ପ୍ରସାର୍ ଆଉ ବୁଣାକାର୍‌ମାନ୍‌କର୍ ଆର୍ଥିକ୍ ସମୃଦ୍ଧିକେ ନଜର୍‌ଥି ରଖିକରି ଇ ପଦକ୍ଷେପ୍ ନିଆଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ହିନ୍ଦୀ କର୍ମଶାଳା-ଆକାଶବାଣୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶ୍‌ବାଣୀ ସମ୍ବଲ୍‌ପୁର କେନ୍ଦ୍ର ନ ହିନ୍ଦୀ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ଗୃହ ମନ୍ତ୍ରଣାଳୟ ଅଧନ୍‌ଥି ରାଜଭାଷା ବିଭାଗ୍ ତର୍‌ଫୁ ପ୍ରସ୍ତୁତ୍ ଅନୁବାଦ୍ ପ୍ରଣାଳୀ 'ସ୍ମୃତି ଆଧାରିତ୍ କଣ୍ଠସ୍ଥ ଟୁଲ୍ ଓ ଇ-ଅଫିସ୍‌ରେ ଟିପ୍ପଣୀ ଏବଂ ପତ୍ର ପ୍ରସ୍ତୁତି' କେନ୍ତା ଠିକ୍ ଭାବେ କରାଯାଇପାର୍‌ବା ସେ ବାବ୍‌ଦେ ପ୍ରଶିକ୍ଷଣ୍ ଦିଆଯାଇଥିଲା । କର୍ମଶାଳାଥି ସର୍‌କାରୀ ମହିଳା ମହାବିଦ୍ୟାଳୟ ହିନ୍ଦୀ ପ୍ରାଧ୍ୟାପକ ଡକ୍ଟର୍ ଜୟନ୍ତ କରଶର୍ମା ବ୍ୟାଖ୍ୟାନ୍ ପ୍ରସ୍ତୁତ୍ କରିଥିଲେ । କେନ୍ଦ୍ର କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ, ଅଭିଯାନ୍ତ୍ରିକ ମୁଖ୍ୟ ସଞ୍ଜୟ ସର୍‌କାର୍ ଆର୍ କେନ୍ଦ୍ରର୍ କର୍ମଚାରୀମାନେ କର୍ମଶାଳାଥି ଭାଗ୍ ନେଇଥିଲେ ।

ନିଶାମୁକ୍ତ ଭାରତ୍ ଅଭିଯାନ          ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ଆଉ ସ୍ୱେଚ୍ଛାସେବୀ ସଂଗଠନ୍‌ର ମିଲିତ୍ ସହଯୋଗ୍‌ଥି ନିଶାମୁକ୍ତ ଭାରତ୍ ଅଭିଯାନ୍‌ଥି ସ୍ୱେଚ୍ଛାସେବୀ ମାନ୍‌କର୍ ପ୍ରଶିକ୍ଷଣ୍ ଶିବିର୍‌କେ ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ଉଦ୍‌ଘାଟନ୍ କରିକରି ଜିଲ୍ଲାକେ ନିଶାମୁକ୍ତ କର୍‌ବାର୍ ଲାଗି ଇ ଅଭିଯାନ୍ ଗୁଟେ ଶ୍ରେଷ୍ଠ ଚେରେଷ୍ଟା ବଲି କହିଛନ୍ ।

ବିଶ୍ୱ ନାଟ୍ୟ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱ ନାଟ୍ୟ ଦିବସ୍‌ର ଅବ୍‌ସରେ ଗଲାକାଏଲ୍ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଇଲାକାର୍ ଭିନ୍ ଭିନ୍ ନାଟ୍ୟାନୁଷ୍ଠାନ୍ ମାନ୍‌କର୍ ତର୍‌ଫୁ ପାଲିତ୍ ହେଇଯାଇଛେ । ସମ୍ବଲ୍‌ପୁରର୍ ନାଁକରା ନାଟ୍ୟ ଅନୁଷ୍ଠାନ୍‌ମାନ୍‌କର୍ ସମନ୍ୱୟଥି ତିଆର୍ ହେଇଥିବା ଅନୁଷ୍ଠାନ୍ ନାଟ୍-ନାଟୁଆ ତର୍‌ଫୁ ବିଶ୍ୱ ନାଟ୍ୟ ଦିବସ୍‌ର ଉଲ୍‌ଗୁନେ ପଦ୍ମଶ୍ରୀ ବିନୋଦ୍ ପଶାୟତଙ୍କୁ ନାଟ୍ୟ ଭବଭୂତି ସମ୍ମାନ୍‌ଥି ସମ୍ମାନିତ୍ କରାଯାଇଥିଲା । ସେନ୍ତା ସମ୍ବଲ୍‌ପୁର୍ ନାଟ୍ୟକଳା ପରିଷଦ୍ ଆର୍ ଓଡ଼ିଶା ସାଂସ୍କୃତିକ୍ ସମାଜ୍ ଜନନାଟ୍ୟ ମଂଚର୍ ମିଲିତ୍ ଆନୁକୂଲ୍ୟଥି ବିଶ୍ୱ ନାଟ୍ୟ ଦିବସ୍ ପାଲିତ୍ ହେଇଯାଇଛେ ।

ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ଦିଲ୍ଲୀ ନ ଚାଲିଥିବା ଖେଲୋ ଇଣ୍ଡିଆ ପାରା କ୍ରୀଡ଼ାଥି ଓଡ଼ିଶାର୍ ଗୌତମ୍ ସିଂ ଟେବୁଲ୍ ଟେନିସ୍‌ଥି କାଂସ୍ୟ ପଦକ୍ ଜିତିଛନ୍ । ପୁରୁଷ କ୍ଲାସ୍ -ଟୁ ବର୍ଗଥି ପହେଲା ଓଡ଼ିଆ ଭାବେ ଟେବୁଲ୍ ଟେନିସ୍‌ଥି ଇ ପଦକ୍ ଜିତ୍‌ବାର୍ ସଫଲତା ପାଇଛନ୍ ।